# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 August - 2024

### News Editor : Tapan Kumar Moharana

***********************************

## ମୁଖ୍ୟ ସମ୍ବାଦ

- ହରଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା
- ହୀରାକୁଦ ଜଳଭଣ୍ଡାରର ସୁପରିଚାଳନା ଲକ୍ଷ୍ୟରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ
- ରାଜ୍ୟରେ ଡେଙ୍ଗୁ ପ୍ରାଦୁର୍ଭାବ ବୃଦ୍ଧି; ଏହାକୁ ପ୍ରତିହତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଗଲା ପଦକ୍ଷେପ
- ଓଡ଼ିଆ ସାମ୍ବାଦିକତା ଦିବସ ପାଳନ ଅବସରରେ ଶୁଭେଚ୍ଛା ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଚିତାଲାଗି ନୀତି ପାଇଁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ

# ହର-ଘର ତ୍ରିରଙ୍ଗା-ଅମିତ ଶାହା

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହର-ଘର ତ୍ରିରଙ୍ଗା ଅଭିଯାନ ଅଧୀନରେ ନିଜ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ଦେଶବାସୀଙ୍କୁ ନିବେଦନ କରିଛନ୍ତି । ଆସନ୍ତା ୯ରୁ ୧୫ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ସହିତ ଏକ ସେଲ୍ଫି ନେଇ ଏହାକୁ ହରଘର ତ୍ରିରଙ୍ଗାର ୱେବସାଇଟ୍‌ରେ ଅପ୍‌ଲୋଡ କରିବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ଉଲ୍ଲେଖ କରିଛନ୍ତି ହର-ଘର ତ୍ରିରଙ୍ଗା ଅଭିଯାନ ଗତ ଦୁଇବର୍ଷ ମଧ୍ୟରେ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି । ଏହା ଦେଶର କୋଣ ଅନୁକୋଣରେ ପ୍ରତ୍ୟେକ ଭାରତୀୟଙ୍କ ଏକାଗ୍ରତାକୁ ଜାଗ୍ରତ କରିଛି ବୋଲି ସେ ଲେଖିଛନ୍ତି ।

## ମୁଖ୍ୟମନ୍ତ୍ରୀ-ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହି ଜନଶୁଣାଣି କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗଗୁଡ଼ିକର ଶୁଣାଣି ପାଇଁ ଆସନ୍ତାକାଲି ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପଞ୍ଜୀକରଣ କରାଯିବ। ଜନସାଧାରଣ  ସେହି ସ୍ଥାନରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରାଇ ପାରିବେ।

## ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ନିୟନ୍ତ୍ରଣ ଲାଗି ହୀରାକୁଦ ବନ୍ଧର ବରିଷ୍ଠ ଅଧିକାରୀ, ସମ୍ବଲପୁର ଜିଲ୍ଲାପାଳ, ଝାରସୁଗୁଡା ଜିଲ୍ଲା ପ୍ରଶାସନିକ ଅଧିକାରୀ ଏବଂ ସମ୍ବଲପୁର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ହୀରାକୁଦ ଜଳଭଣ୍ଡାରର ସୁପରିଚାଳନା ନେଇ ଆଲୋଚନା ହୋଇଛି। ସେ କହିଛନ୍ତି......

# - V/O -

ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଅଧିଗ୍ରହଣ କରାଯାଇଥିବା ଜମି ବ୍ୟବହାର ନ ହୋଇ ପଡି ରହିଥିଲେ ତାହା ରାଜସ୍ୱ ବିଭାଗକୁ ଫେରାଇ ଦେବାପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଗରିବ କଲ୍ୟାଣ ଯୋଜନାରେ ଏହି ଜମିଗୁଡ଼ିକ ବଣ୍ଟାଯିବ ବୋଲି ମନ୍ତ୍ରୀ କହିଛନ୍ତି। ହୀରାକୁଦ ଜଳଭଣ୍ଡାରରୁ ସ୍ୱଚ୍ଛ ପାଣି ନେଇ ଜଳଭଣ୍ଡାର ମଧ୍ୟକୁ ବର୍ଜ୍ୟବସ୍ତୁ ଛାଡୁଥିବା କମ୍ପାନୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାରେ ୬୩୨ ଫୁଟ୍‌ରୁ ୬୩୪ ଫୁଟ ମଧ୍ୟରେ ରହିଥିବା ଚାଷ ଜମି ପଟ୍ଟା ପ୍ରଦାନ ପାଇଁ ପ୍ରକ୍ରିୟା ଜାରି ରହିଥିବା ଶ୍ରୀ ପୂଜାରୀ କହିଛନ୍ତି।

## ଡେଙ୍ଗୁ ନିରାକରଣ

**କଟକ** ସହରର ବିଭିନ୍ନ ସ୍ଥାନରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କଟକ ଜିଲ୍ଲାରେ ଏପର୍ଯ୍ୟନ୍ତ ପ୍ରାୟ ୬୬ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରେ ୬୬ ଜଣଙ୍କ ମଧ୍ୟରୁ ମହାନଗର ନିଗମ ଅଞ୍ଚଳରେ ୫୭ ଜଣ ଓ ଗ୍ରାମାଞ୍ଚଳରୁ ୧୪ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବା କଟକ ଜିଲ୍ଲା ସ୍ୱାସ୍ଥ୍ୟର ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଏ ବର୍ଷ କଟକ ବଡ଼ ଡାକ୍ତରଖାନା ପରିସରରେ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ସିଡିଏମ୍ଓ ସୂଚନା ଦେଇଛନ୍ତି। ଏସ୍‌ସିବି ପରିସରରେ ଥିବା ହଷ୍ଟେଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ମଶାରୀ ଟାଙ୍ଗି ଶୋଇବା ସହ ଆଖପାଖ ଅଞ୍ଚଳରେ ଥିବା ବୁଦାଗୁଡ଼ିକୁ ସଫା କରାଯାଉଛି। ସେହିପରି ଅଳିଆ ଆବର୍ଜନା ଜମା ହୋଇଥିବା ସ୍ଥାନଗୁଡ଼ିକୁ ସଫେଇ କରାଯାଉଛି।

ସେହିପରି **ଗଞ୍ଜାମ** ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୩୧ରେ ପହଞ୍ଚିଛି। ୧୮ ଜଣ ଜିଲ୍ଲା ତଥା ରାଜ୍ୟ ବାହାରର ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ୧ ହଜାର ୧୭୭ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି।

**ଭଦ୍ରକ** ଜିଲ୍ଲାରେ ଡେଙ୍ଗୁ ନିରାକରଣ ନିମନ୍ତେ ଅନ୍ତର୍ବିଭାଗୀୟ ସମନ୍ୱୟତା ନେଇ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମୟରେ ହେଉଥିବା ବୈଠକରେ ଡେଙ୍ଗୁ ଚିହ୍ନଟ ପାଇଁ ପରୀକ୍ଷା, ଆଶା, ଅଙ୍ଗନୱାଡୀ

କର୍ମୀମାନଙ୍କ ଜରିଆରେ ମଶାରୀ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଗୁରୁତ୍ୱାରୋପ କରିଛନ୍ତି। ଡେଙ୍ଗୁର ନିୟନ୍ତ୍ରଣ ଓ ନିରାକରଣ ପାଇଁ ସିଏଚ୍‌ସି, ସବ୍‌ସେଣ୍ଟର ସ୍ତରରେ ସମନ୍ୱୟ ବୈଠକ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରାଦ୍ଧବାର୍ଷିକୀ

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ସାରସ୍ୱତ ସାଧିକା ନନ୍ଦିନୀ ଶତପଥୀଙ୍କର ଆଜି ଶ୍ରାଦ୍ଧବାର୍ଷିକୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ସ୍ମୃତିଚାରଣ କରିବା ସହ ଓଡ଼ିଶାର ପ୍ରଗତୀ ଓ ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କ ଅମ୍ଳାନ କୃତୀ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କଳା, ସାହିତ୍ୟ, ସାମ୍ବାଦିକ ଓ ରାଜନୀତି କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

## ଓଡ଼ିଆ ସାମ୍ବାଦିକତା ଦିବସ

ଓଡ଼ିଶାର ପ୍ରତିଟି ସୁଖଦୁଃଖକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୮୬୬ ମସିହା ଆଜିର ଦିନରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ

ଦୀପିକା ପ୍ରକାଶ ପାଇଥିଲା। ଏହି ଦିବସରେ ସ୍ମୃତିଚାରଣ ଅବସରରେ ଆଜି ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଉଛି।

ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉପଲକ୍ଷେ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ସମସ୍ତ ସାମ୍ବାଦିକ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଚତୁର୍ଥ ସ୍ତମ୍ଭ ଭାବେ ଗଣତନ୍ତ୍ରର ମୂଲ୍ୟବୋଧକୁ ବଜାୟ ରଖିବାରେ ସାମ୍ବାଦିକଙ୍କ ଅବଦାନ ଅତୁଳନୀୟ ବୋଲି କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ଭାଷା, ସାହିତ୍ୟ, ଅସ୍ମିତାର ସୁରକ୍ଷା, ପ୍ରଚାର ପ୍ରସାର ତଥା ସାମାଜିକ ଓ ରାଜନୈତିକ ପ୍ରସଙ୍ଗ ଭଳି ବିଭିନ୍ନ କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା ସର୍ବଦା ସ୍ୱତନ୍ତ୍ର ବୋଲି କହିବା ସହ ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମଧ୍ୟ ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

## ହୀରାକୁଦ ଜଳଭଣ୍ଡାର

ମହାନଦୀ ଉପର ମୁଣ୍ଡରେ ବର୍ଷାର ପରିମାଣ ବୃଦ୍ଧି ପାଉଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ହୀରାକୁଦର ଆଉ କେତୋଟି ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବନ୍ୟା ପରିସ୍ଥିତି ଉପୁଜି ନାହିଁ

ଏବଂ ନଦୀଗୁଡ଼ିକ ବିପଦ ସଂକେତ ତଳେ ପ୍ରବାହିତ ହେଉଛି ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି କହିଛନ୍ତି। କେବଳ ମାଲକାନଗିରିରେ ଅତ୍ୟଧିକ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଥିବା ସେ କହିଛନ୍ତି। ହୀରାକୁଦ ଜଳଭଣ୍ଡାରର ଆଉ ୪ଟି ସ୍ଲୁଇସ୍ ଗେଟ୍‌କୁ ଖୋଲିଦିଆଯାଇଛି। ପୂର୍ବରୁ ୬ଟି ଗେଟ୍ ଖୋଲାଯାଇଥିବାବେଳେ ଏବେ ସମୁଦାୟ ୧୦ଟି ଗେଟ୍ ଖୋଲା ରହିଛି। ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ କରୁଥିବାରୁ ଡ୍ୟାମ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପ୍ରତିସେକେଣ୍ଡ୍‌ରେ ୨ ଲକ୍ଷ ୮ ହଜାର ୬୬୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯ ଦଶମିକ ୬/୭ ଫୁଟ୍‌ରେ ରହିଥିଲା।

## ଭୂସ୍ଖଳନ-ଶେଷକୃତ୍ୟ

କେରଳର ୱାଏନାଡ୍ ଭୂସ୍ଖଳନରେ ପ୍ରାଣ ହରାଇଥିବା ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନ୍ନାରାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ଗତକାଲି ତାଙ୍କ ମୃତଦେହ ଭୁବନେଶ୍ୱରରେ ପହଞ୍ଚିବା ପରେ ଶେଷଦର୍ଶନ ପାଇଁ କଟକ ଚୌଦ୍ୱାରସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ଅନ୍ୟପକ୍ଷରେ ଡାକ୍ତର ସ୍ୱାଧୀନ ପଣ୍ଡା ଏବେବି ନିଖୋଜ ଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସନ୍ଧାନ ଜାରି ରହିଛି।

## ରକ୍ଷକ ଯାନ ଉଦ୍‌ଘାଟନ

ଜଙ୍ଗଲରେ ମଣିଷ ଓ ବନ୍ୟପ୍ରାଣୀ ସଂଘର୍ଷ ରୋକିବା ପାଇଁ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ରକ୍ଷକ ଯାନକୁ କେନ୍ଦୁଝର ଡିଏଫ୍ଓ ଏଚ୍.ଡି. ଧନରାଜ ଉଦ୍‌ଘାଟନ କରିଛନ୍ତି। ବନ୍ୟପ୍ରାଣୀଙ୍କ ଉଦ୍ଧାର ପାଇଁ ଏହି ଯାନରେ ହାଇଡ୍ରୋଲିକ୍ ଲିଫ୍ଟ ସହ ଜେନେରେଟର ଭଳି ଅତ୍ୟାଧୁନିକ ସରଞ୍ଜାମ ରହିଛି। ହିଂସ୍ର ବନ୍ୟପ୍ରାଣୀଙ୍କୁ ସଂଜ୍ଞାହୀନ କରିବା ପରେ କିପରି ଉଦ୍ଧାର କରାଯିବ ଏ ନେଇ କର୍ମଚାରୀମାନଙ୍କ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ରକ୍ଷକ ଯାନ ମଧ୍ୟ ବେଶ୍ ଉପଯୋଗୀ ହେବ ବୋଲି ଡିଏଫ୍ଓ ଧନରାଜ କହିଛନ୍ତି।

## ପୁରୀ - ଚିତାଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରାବଣ କୃଷ୍ଣ ଅମାବାସ୍ୟା ତିଥିରେ ଶ୍ରୀଜିଉମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେଉଛି। ଦଇତାପତି ସେବକମାନେ ଏହି ନୀତି ସମ୍ପାଦନ କରୁଛନ୍ତି। ମଧ୍ୟାହ୍ନ ଭୋଗମଣ୍ଡପ ପରେ ଏହି ନୀତି ଆରମ୍ଭ ହୋଇଥିବାରୁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ପ୍ରଥମ ଭୋଗମଣ୍ଡପ ନୀତି ପରେ ଭଣ୍ଡାର ଘରେ ରଖାଯାଇଥିବା ରତ୍ନ ଚିତା ଅଣାଯାଇ ଶ୍ରୀବିଗ୍ରହଙ୍କ ଶ୍ରୀମସ୍ତକରେ ଲାଗି କରାଯିବ। ଏହାପରେ ମହାପ୍ରଭୁଙ୍କର ମହାସ୍ନାନ, ବେଶ, ସନ୍ଧ୍ୟା ଆଳତୀ ଆଦି ନୀତି ଅନୁଷ୍ଠିତ ହେବ। ଜ୍ୟେଷ୍ଠପୂର୍ଣ୍ଣିମା ତିଥିରେ ମହାପ୍ରଭୁ

ସ୍ନାନମଣ୍ଡପୁର ବାହୁଡିବାବେଳେ ସେବକମାନେ ଶ୍ରୀମସ୍ତକରୁ ଚିତା ବାହାର କରିଥିଲେ। ସେଥିଲାଗି ଆଜି ଚିତାଲାଗି ଅମାବାସ୍ୟା ତିଥିରେ ଶ୍ରୀଜୀଉଙ୍କୁ ପୁଣି ଥରେ ଚିତାଲାଗି କରାଯାଉଛି। ଚିତାଲାଗି ଅମାବାସ୍ୟା ଅବସରରେ ଆଜି **ନୟାଗଡ଼** ଜିଲାର ବିଭିନ୍ନ ଗ୍ରାମରେ ଚାଷୀମାନେ ଧାନକ୍ଷେତରେ ନିଷ୍ଠାର ସହିତ ପୂଜାର୍ଚ୍ଚନା କରି ଚିତଉ ପିଠା ପୋତିଛନ୍ତି। ସୂଚନାଯୋଗ୍ୟ ଚିତା ଲାଗି ଅମାବାସ୍ୟା ବେଳକୁ ଅଧିକାଂଶ ବିଲରେ ଧାନ ରୁଆ, ବେଉଷଣ ଏବଂ ମଇ ଦିଆ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି।

## ମୋଟରଯାନ-ଟିକସ ପୈଠ

ବେଆଇନ୍ ଭାବେ ଗାଡ଼ି ଚଳାଉଥିଲେ ମୋଟର ଯାନ ଆଇନ୍ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିଲାଗି ସ୍ୱତନ୍ତ୍ର ଦଳ ଗଠନ କରି ସାରା ରାଜ୍ୟରେ ଅଭିଯାନ ଆରମ୍ଭ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଘୋଷଣା କରାଯାଇଛି। ଟିକସ ପୈଠ କରି ନଥିବା ଗାଡି ମାଲିକ, ବକେୟା ଟିକସ ଏକକାଳୀନ ପୈଠ କରି ଜୋରିମାନା ରାଶି ସମ୍ପୂର୍ଣ୍ଣ ଛାଡର ଲାଭ ନେବାକୁ କୁହାଯାଇଛି। ସେହିପରି ବୀମା ଅର୍ଥ ମଧ୍ୟ ଜମା କରିବାକୁ ପରାମର୍ଶ ଦିଆଯାଇଛି। ବିନା ଜୋରିମାନାରେ ଏକକାଳୀନ ସମସ୍ତ ଦେୟ ପୈଠ କରିବାକୁ ହେବ।

*******************************